## ସଂକ୍ଷେପରେ

### ଶଶୁରଘରେ ଜ୍ୱାଇଁଙ୍କ ଆତ୍ମହତ୍ୟା

ଜୟପୁର,୧୭।୭(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ସଦରଥାନା ଗରୁଡ଼ଗୁଡ଼ା ଗ୍ରାମରେ ଶଶୁର ଘରେ ଜ୍ୱାଇଁ କୀଟନାଶକ ଖାଇ ଆତ୍ମହତ୍ୟା କରିଛନ୍ତି । ମୃତକ ହେଉଛନ୍ତି କୁନ୍ଦୁରା ଥାନା ଭୁଷଣ୍ଡଗୁଡ଼ା ଗ୍ରାମର ଦୁରୁବ ଗାଦବା (୨୮)। ମଙ୍ଗଳବାର ବିଳମ୍ବିତ ରାତିରେ ସେ କୀଟନାଶକ ଔଷଧ ଖାଇ ଦେଇଥିଲେ । ଶଶୁରଘର ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଜୟପୁର ଜିଲା ଚିକିତ୍ସାଳୟକୁ ଆଣିଥିଲେ । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି । ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି । ତାଙ୍କର ସାମାନ୍ୟ ମସ୍ତିଷ୍କ ବିକୃତି ରହିଥିବା ଗାଗନାପୁର ଫାଣ୍ଡି ଅଧିକାରୀ କବିରାଜ ସାହୁ ପ୍ରକାଶ କରିଛନ୍ତି।

### ଭାଙ୍ଗିଲା ନାଲ୍କୋ ପ୍ଲାଣ୍ଟ ରିକ୍ଲାଇମର



ଦାମନଯୋଡି, ୧୭।୭(ଡି.ଏନ୍.ଏ.)- ଦାମନଯୋଡି ନାଲ୍କୋ ପ୍ଲାଣ୍ଟରେ ଥିବା ରିକ୍ଲାଇମର ତିନି ଦିନ ପୂର୍ବେ ଭାଙ୍ଗି ଯାଇଥିବା ସୂଚନା ମିଳିଛି। ରିକ୍ଲାଇମରର ନିମ୍ନ ଅଂଶ ଭାଙ୍ଗି ଯିବାରୁ ଏହା ଏକ ପାର୍ଶ୍ୱକୁ ଢଳି ପଡିଛି। ତେବେ ଏଥିରେ କୌଣସି କ୍ଷତି ହୋଇ ନଥିବା ସୂଚନା ମିଳିଛି। ପ୍ରକାଶଯେ, ରିକ୍ଲାଇମର ବ୍ୟବହାର କରି ମାଇନ୍ସରୁ ଆସୁଥିବା ବକ୍ସାଇଟ୍କୁ ଗୁଣ୍ଡ କରାଯାଇ ପ୍ଲାଣ୍ଟକୁ ପଠାଯାଏ। ତେବେ କୋଟି କୋଟି ଟଙ୍କାର ଏହି ରିକ୍ଲାଇମରଗୁଡିକର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଏହା ଭାଙ୍ଗିପଡିଛି। କମ୍ପାନୀ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ମତପ୍ରକାଶ ପାଇଛି।

### ୨ବାଇକ୍ ମୁହାଁମୁହିଁ: ଚାଳକ ଗୁରୁତର

ଲମତାପୁଟ, ୧୭।୭(ଡି.ଏନ୍.ଏ.)

କୋରାପୁଟ ଜିଲା ଲମତାପୁଟ ବ୍ଲକ ଡଲିଗୁଡ଼ା ନିକଟ ପେଟ୍ରୋଲ ସାମ୍ନାରେ ବୁଧବାର ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଉଭୟ ଗାଡ଼ିର ଚାଳକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗୋଡ଼ିହଞ୍ଜର ପଞ୍ଚାୟତ ଦହନାପୁଟ ଗାଁର ମଦନ ଗଲରୀ ଏବଂ ଗୁନେଇପଡା ପଞ୍ଚାୟତ ସଇଲପଡା ଗାଁର ରାଜେନ୍ଦ୍ର ଧାଙ୍ଗଡ଼ା ମାଝି। ଗୁରୁତର ଦୁଇଜଣଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରକାଶଯେ, ବୁଧବାର ସନ୍ଧ୍ୟାରେ ମଦନ ଲମତାପୁଟରୁ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ହଠାତ୍ ଡଲିଗୁଡ଼ା ପେଟ୍ରୋଲ ପମ୍ପ ନିକଟରେ ବିପରୀତ ଦିଗରୁ ଆସୁଥିବା ରାଜେନ୍ଦ୍ରଙ୍କ ଗାଡି ସହ ତାଙ୍କର ଧକ୍କା ହୋଇଥିଲା। ଫଳରେ ଉଭୟ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆଶାକିରଣ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି ବୋଲି ଫାଣ୍ଡି ଅଧିକାରୀ ମହେଶ୍ୱର କିର୍ସାନୀ ସୂଚନା ଦେଇଛନ୍ତି।

# ପୋଲିସ ହାତରେ ଏବେ ମୋଷ୍ଟ ୱାଣ୍ଟେଡ୍ କାବୁଲ

ଜୟପୁର,୧୭।୭(ନି.ପ୍ର./ଡି.ଏନ.ଏ.)

୫ ବର୍ଷ ତଳୁ କୋରାପୁଟ ଜିଲାରେ ଗ୍ୟାଙ୍ଗ ଗଠନ କରି ଅପରାଧିକ କାର୍ଯ୍ୟ ଚଳାଇ ଆସୁଥିବା କୁଖ୍ୟାତ ଅଭିଯୁକ୍ତ କାବୁଲ ଖରା ଶେଷରେ ବୁଧବାର ପୋଲିସ ହାତରେ ଧରାପଡ଼ିଛନ୍ତି। ପୋଲିସ ଗୁଳିରେ ଆହତ ହୋଇ ସେ ବର୍ତ୍ତମାନ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କଠାରୁ ଜବତ ମୋବାଇଲ ଆଧାରରେ ସେ କେଉଁ ଅପରାଧୀମାନଙ୍କ ସହ ସମ୍ପର୍କରେ ଅଛନ୍ତି, ପୋଲିସ ତାର ତଦନ୍ତ ଆରମ୍ଭ କରିଛି। ତାଙ୍କୁ ଜେରା କରାଯାଇ ବିଭିନ୍ନ ଗଞ୍ଜେଇ ଗୋଦାମ ଚିହ୍ନଟ କରାଯିବା ସହ ଏଥିରେ ତାଙ୍କ ସହ ଲିଙ୍କ୍ ରଖିଥିବା ଗ୍ୟାଙ୍ଗ, ନେଟୱର୍କ ବାବଦରେ ସବୁ ତଥ୍ୟ ଖୋଳତାଡ଼ କରିବ ପୋଲିସ। ଆବଶ୍ୟକ ପଡ଼ିଲେ ତାଙ୍କୁ ରିମାଣ୍ଡରେ ନେଇ ଅଧିକ ପଚରାଉଚୁରା କରିବ ବୋଲି ବୁଧବାର ଖବରଦାତା ସମ୍ମିଳନୀରେ ଜୟପୁର ଏସ୍‌ଡିପିଓ ସାଗରିକା ନାଥ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି, ସଦର ଥାନା ଅଧିକାରୀ ଧୀରେନ୍ଦ୍ର କୁମାର ବେହେରା, ଟାଉନ ଥାନା ଏସ୍‌ଆଇ ଶିବ ଶଙ୍କର ସାହୁ ଉପସ୍ଥିତ ଥିଲେ।

### ୧୦ରୁ ଅଧିକ ସଙ୍ଗିନ ମାମଲାରେ ସମ୍ପୃକ୍ତ କାବୁଲ

ଜୟପୁର ଟାଉନ ଥାନା ଓ ସଦର ଥାନା ସମେତ କୋରାପୁଟ ଜିଲାର ବୋରିଗୁମ୍ମା ତଥା ନବରଙ୍ଗପୁର ଥାନା ଅଧୀନରେ ଅନେକ ଡକାୟତି, ଗଞ୍ଜେଇ ଚାଲାଣ, ହତ୍ୟା ଉଦ୍ୟମ ଭଳି ସଙ୍ଗିନ ମାମଲାରେ କାବୁଲଙ୍କ ସମ୍ପୃକ୍ତି ରହିଥିଲା। ଜୟପୁର ଟାଉନ ଥାନାରେ କେସ୍ ନଂ ୬/୧୬, ୧୭୭/୧୪, ୨୦୮/୧୮, ବୋରିଗୁମ୍ମା ଥାନାରେ କେସ୍ ନଂ ୧୦/୧୫, ୩୨/୧୫, ୫/୧୬, ୬୮/୧୮, ଜୟପୁର ସଦର ଥାନାରେ





ଜବତ ହୋଇଥିବା କାର, ପିସ୍ତଲ, ଗୁଳି, ମୋବାଇଲ ।

କେସ୍ ନଂ ୧୧୬/୧୭, ୧୧୭/୧୭, ୧୧୯/୧୭ର ମାମଲା ରହିଥିଲା। ସରକାରୀ କର୍ମଚାରୀଙ୍କୁ ଆକ୍ରମଣ, ହତ୍ୟା ଉଦ୍ୟମ, ବେଆଇନ ଭାବେ ମାରଣାସ୍ତ୍ର ରଖିବା, ଏହାର ବ୍ୟବହାର କରିବା, ଗଞ୍ଜେଇ ଚାଲାଣ, ରାହାଜାନି, ୨୬ ନଂ ଜାତୀୟ ରାଜପଥ ଏୟାରଷ୍ଟ୍ରିପ ଛକରେ ଫାୟାରିଂ, ଡକାୟତି ଓ ନବରଙ୍ଗପୁର ଜିଲାରେ ଟ୍ରକ ଲୁଟ୍ କରିବା ଭଳି ୧୦ରୁ ଅଧିକ ମାମଲା କାବୁଲଙ୍କ ନାଁରେ ରହିଛି। ସେ ପୋଲିସ ପାଇଁ ମୋଷ୍ଟ ୱାଣ୍ଟେଡ୍ ଥିଲେ।

### ରାଜ୍ୟ ବାହାରେ ରହି ଗ୍ୟାଙ୍ଗ୍ ଜରିଆରେ ଚଳାଇଥିଲେ ଅପରାଧ

କାବୁଲ ଖରା ବାହାର ରାଜ୍ୟରେ ରୁହନ୍ତି। କିନ୍ତୁ ସ୍ଥାନୀୟ ଅଞ୍ଚଳର ଅପରାଧୀମାନଙ୍କୁ ନେଇ ସେ ନିଜେ ଗଢ଼ିଥିବା ଗ୍ୟାଙ୍ଗ ଜରିଆରେ କୋରାପୁଟ ଜିଲାରେ ଅପରାଧିକ କାର୍ଯ୍ୟକଳାପ ଚଳାଇ ଆସୁଥିଲେ। ତାଙ୍କର ମୁଖ୍ୟ କାର୍ଯ୍ୟ ଥିଲା ଗଞ୍ଜେଇ ଚାଲାଣ। ୨୦୧୪ରୁ ତାଙ୍କ ନିର୍ଦ୍ଦେଶରେ ଏକ ଗ୍ୟାଙ୍ଗ୍ ଜିଲାରେ ବିଭିନ୍ନ ଅପରାଧ ଘଟାଇ ଆସୁଥିଲେ। ବିଭିନ୍ନ ଆନ୍ତଃରାଜ୍ୟ ମାଫିଆଙ୍କ ସହ ମଧ୍ୟ ତାଙ୍କର ସମ୍ପର୍କ ରହିଛି। ପୋଲିସର ମୋଷ୍ଟ ୱାଣ୍ଟେଡ୍ ତାଲିକାକୁ ଆସିବା ପରେ ସେ ୨ ବର୍ଷ ହେବ ଫେରାର ଥିଲେ।

# ପଦାରେ ପଡ଼ିଲା କଲେଜ ଟ୍ରଷ୍ଟ ବିବାଦ

## ଅନ୍ଧାରରେ ୩ ଶହ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ, ଲୋଡ଼ାଗଲା ପ୍ରଶାସନିକ ହସ୍ତକ୍ଷେପ

ଜୟପୁର,୧୭।୭(ଡି.ଏନ୍.ଏ./ନି.ପ୍ର.)

ଜୟପୁର ସହରରେ ଥିବା ଘରୋଇ ସରସ୍ୱତୀ ମହାବିଦ୍ୟାଳୟର ଟ୍ରଷ୍ଟିଙ୍କ ଭିତରେ ଥିବା ବିବାଦ ଏବେ ପଦାରେ ପଡ଼ିଛି। ଗତ ୩ମାସ ହେଲା ମହାବିଦ୍ୟାଳୟରେ ବାରମ୍ବାର ଟ୍ରଷ୍ଟ ବଦଳିବା ଓ ଟ୍ରଷ୍ଟି ସଦସ୍ୟଙ୍କ ଭିତରେ ବିବାଦ ଉପୁଜିବା ଭଳି ପରିସ୍ଥିତି ଦେଖାଦେଇଛି। ଏହାଦ୍ୱାରା କଲେଜର ୩ ଶହ ଛାତ୍ରୀଛାତ୍ରଙ୍କ ଭଭିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି।

ମହାବିଦ୍ୟାଳୟ ଟ୍ରଷ୍ଟର ଅଧ୍ୟକ୍ଷ ବୋଲି ଦାବି କରୁଥିବା ହିମାଂଶୁ ଶେଖର ପଟ୍ଟନାୟକ ବୁଧବାର ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି ଯେ, ୧୬ ମାର୍ଚ୍ଚ ୨୦୧୮ରେ ସେ ସରସ୍ୱତୀ ଏଜୁକେସନାଲ ଟ୍ରଷ୍ଟ ଗଠନ କରିଥିଲେ। ଏହାପରେ ୧୭ ଜୁଲାଇ ୨୦୧୮ରେ ସରସ୍ୱତୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ଜଗତ ଜନନୀ ଯୁକ୍ତ ୩ ସାଇନ୍ସ କଲେଜକୁ ସୁଧାଂଶୁ ଶେଖର ପାଣିଗ୍ରାହୀଙ୍କଠାରୁ କିଣିଥିଲେ। ଏହାର ସମସ୍ତ ଆଇନଗତ କାଗଜପତ୍ର ରହିଛି। ୨ ମାସ ତଳେ ପୂର୍ବତନ ସମ୍ପାଦକ ତପସୀ ପାତ୍ର ଷଡ଼ଯନ୍ତ୍ର କରି କଲେଜ ମାଲିକାନା ହାତେଇବାକୁ ଚେଷ୍ଟା କରିଥିଲେ। ବର୍ତ୍ତମାନ ସେ ଓ ଅନ୍ୟ ଟ୍ରଷ୍ଟିମାନେ ତାଙ୍କୁ ମହାବିଦ୍ୟାଳୟ ଭିତରକୁ ପ୍ରବେଶ କରାଇ ଦେଉନାହାନ୍ତି। ପାଲଟା ଧମକଚମକ ଓ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଛନ୍ତି। ଏନେଇ ସେ ଥାନାରେ ଦୁଇ ଥର ଲିଖିତ ଅଭିଯୋଗ କରିଛନ୍ତି। ୨ ଦିନ ତଳେ କଲେଜର ୨ ଜଣ ଛାତ୍ର ନିଖୋଜ ଥିଲେ କିନ୍ତୁ ପରେ ଫେରିଲେ। ଯଦି କଲେଜରେ କିଛି ଅଘଟଣ ଘଟେ, ତେବେ ସେ ଜେଲ୍ ଯିବେ। ତେଣୁ ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବା ପାଇଁ ହିମାଂଶୁ ଦାବି କରିଛନ୍ତି। ଏ ସମ୍ପର୍କରେ ତପସୀ ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ସରସ୍ୱତୀ ନାମରେ ଏଫିଲିଏସନ ରହିଛି । ଆମ ନାମରେ ହିଁ ମାଲିକନା ଅଛି।

ଏଭଳି ବିବାଦ ପାଇଁ ଯୁକ୍ତ ୨ ବିଜ୍ଞାନର ୨ୟ ବର୍ଷର ୯୩ ଜଣ, ଚଳିତବର୍ଷ ପ୍ରଥମ ବର୍ଷରେ ନାମ ଲେଖାଇଥିବା ୩୩ ଜଣ ଏବଂ ଯୁକ୍ତ ୩ ଦ୍ୱିତୀୟ ବର୍ଷର ୮୬ ଏବଂ ତୃତୀୟ ବର୍ଷର ୭୫ ଜଣ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନେଇ ଆଶଙ୍କାରେ ରହିଛନ୍ତି ଅଭିଭାବକ। ମହାବିଦ୍ୟାଳୟ ଅଧ୍ୟକ୍ଷ ହରିହର ଭଞ୍ଜଙ୍କୁ ଯୋଗାଯୋଗ କରିବାରୁ ପାଠପଢ଼ା ଠିକ ଚାଲିଛି, ପିଲାଙ୍କର କୌଣସି ସମସ୍ୟା ହେବନାହିଁ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସରକାରଙ୍କ ନିୟମ ଅନୁଯାୟୀ ମହାବିଦ୍ୟାଳୟଗୁଡ଼ିକ ବିଭିନ୍ନ ଆବଶ୍ୟକତା କାଗଜପତ୍ର, ଭିତ୍ତିଭୂମି ସମ୍ପର୍କିତ ତଥ୍ୟ ତୁରନ୍ତ ଶିକ୍ଷା ବିଭାଗ ନିକଟରେ ଦାଖଲ କରିବାକୁ ଆଞ୍ଚଳିକ ନିର୍ଦ୍ଦେଶକ ଗତ ମାର୍ଚ୍ଚ ୨୮ରେ ଚିଠି କରିଛନ୍ତି। ନଚେତ କଲେଜର ପଞ୍ଜିକରଣ ଖାରଜ କରିବା ପାଇଁ ଚେତବନୀ ଦିଆଯାଇଛି।

# ଟ୍ରକ୍ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଟଳିଲା ଦୁର୍ଘଟଣା

କୋରାପୁଟ,୧୭।୭(ସ୍ୱ.ପ୍ର.)

ଜୟପୁର-କୋରାପୁଟ ରାସ୍ତାରେ ଥିବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ନିକଟରେ ବୁଧବାର ଅପରାହ୍ନରେ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଏକ ଦୁର୍ଘଟଣା ଟଳିଯାଇଛି। ଫଳରେ ଧନ ଜୀବନ ହାନିକୁ ଏଡ଼ାଇ ଦିଆଯାଇପାରିଛି। ବୁଧବାର ସନ୍ଧ୍ୟାରେ ଜୟପୁରରୁ କୋରାପୁଟ ଆଡ଼କୁ ଆସୁଥିଲା ଏକ ମାଲ ବୋଝେଇ ଟ୍ରକ୍ (ଏପି୩୧ ଟିୟୁ ୩୫୬୯)। ସ୍ଥାନୀୟ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ୨୬ ନମ୍ବର ଜାତୀୟ ରାଜପଥରେ କୌଣସି କାରଣ ଯୋଗୁ ଏହାର ବ୍ରେକ୍ ଫେଲ୍ ହୋଇଯାଇଥିଲା। ତେବେ ଟ୍ରକ୍ ଡ୍ରାଇଭର ଉପସ୍ଥିତ



ବୁଦ୍ଧି ଖଟାଇ ଗାଡ଼ିକୁ ରାସ୍ତାକଡ଼ରେ ଥିବା ଏକ ଗଛ ଆଡ଼କୁ ବୁଲାଇଦେବା ପରେ ଏକ ନାଳ ମଧ୍ୟରେ ଚକ ଫଶିଯାଇ ଅଟକି ଯାଇଥିଲା। ସେତେବେଳେ ଗାଡ଼ି ଆଗରେ ବହୁ ବାଇକ୍, କାର୍ ଯିବା ଆସିବା କରୁଥିବା ସହ ରାସ୍ତାରେ କେତେକ ଯାତ୍ରୀ ମଧ୍ୟ ଚାଲିଚାଲି ଯାଉଥିଲେ। ସମସ୍ତେ ଟ୍ରକ୍ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ବର୍ତ୍ତିଯାଇଥିବା କହିଛନ୍ତି।

# ସହରକୁ ଅସ୍ତବ୍ୟସ୍ତ କଲା ୪୦ ମିନିଟ୍‌ର ଝଡ଼ବର୍ଷା





ଜୟପୁର,୧୭।୭(ନି.ପ୍ର./ଡି.ଏନ୍.ଏ.)

ଜୟପୁର ସହରରେ ବୁଧବାର ଅପରାହ୍ନ ୪ଟାରେ ଝଡ଼ ପବନ ସହ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି। ଏଥିରେ ସହରର ବିଭିନ୍ନ ସ୍ଥାନରେ ଗଛ ପଡ଼ିବା ସହ ବିଦ୍ୟୁତ ସରବରାହ ବ୍ୟାହତ ହୋଇଥିଲା। ଏମ୍.ଜି. ରୋଡ ଷ୍ଟେଟ ବ୍ୟାଙ୍କ ମୁଖ୍ୟଶାଖା ନିକଟ, ଡଙ୍ଗାଗୁଡ଼ା, ଓଡ଼ିଆ ମେଦ୍ରିସାହି, ଜୟନଗର, ସରୋଜିନୀ ଭବନ, ପାର୍କ ଲାଇନ, ପୁରାତନ ଚିକିତ୍ସାଳୟଠାରେ ଗଛ ଉପୁଡ଼ି ଘର ଓ ବିଦ୍ୟୁତ ତାର ଉପରେ ପଡ଼ିଛି। ମେଦ୍ରି ସାହିରେ ବିଦ୍ୟୁତ ଖୁଣ୍ଟ ଓଲଟିଛି ଓ ଅନେକ ସ୍ଥାନରେ ତାର ଛିଡ଼ିଛି। ବିଦ୍ୟୁତ ସରବରାହ ବନ୍ଦ ହୋଇଥିବା ବେଳେ ସହରର ଅଧାଭାଗ ଅଞ୍ଚଳରେ ସନ୍ଧ୍ୟା ୮ଟା ୩୦ ବେଳକୁ ବିଦ୍ୟୁତ ଯୋଗାଣ ହୋଇଥିଲା। ଡଙ୍ଗାଗୁଡ଼ା, ଚିକିତ୍ସାଳୟ ଗୃହ ଉପରେ ଗଛ ପଡ଼ି କ୍ଷୟକ୍ଷତି ହୋଇଛି। ସ୍ଥାନୀୟ ଉର୍ବଶୀ ଲଜ୍‌ର ଟିଣ ଛାତ ଉଡ଼ାଇନେଇ ଜଗତଜନନୀ ମନ୍ଦିର ସମ୍ମୁଖରେ ପଡ଼ିବା ସହ ବିଦ୍ୟୁତ ତାର ଛିଡ଼ିଛି।

■ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ

# ସରିଲା ନାମଲେଖାର ୧ମ ରାଉଣ୍ଡ

କୋରାପୁଟ,୧୭।୭(ସ୍ୱ.ପ୍ର.)

କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ତୃତୀୟ ବର୍ଷ ତଥା ଚଳିତ ଶିକ୍ଷାବର୍ଷ ପାଇଁ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ନାମଲେଖା ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ପ୍ରଥମ ରାଉଣ୍ଡ ନାମଲେଖା ଶେଷ ହୋଇଛି । ଆର୍ଥିକ ରୂପେ ଅନଗ୍ରସର ପିଲାଙ୍କ ପାଇଁ ଚଳିତ ଶିକ୍ଷାବର୍ଷଠାରୁ ଏହି କଲେଜରେ ୨୫ଟି ସିଟ୍ ସଂରକ୍ଷଣ କରାଯାଇ ସିଟ ସଂଖ୍ୟାକୁ ୧୨୫କୁ ବୃଦ୍ଧି କରାଯାଇଛି । ଆଗକୁ ଦ୍ୱିତୀୟ ରାଉଣ୍ଡ ଓ ଅନ ଦି ସ୍ପଟ ସୁବିଧା ଥିବାବେଳେ ବର୍ତ୍ତମାନ ସୁଦ୍ଧା ଓଡ଼ିଶା କୋଟା ଭାବେ ୧୦୬ ଜଣଙ୍କ ମଧ୍ୟରୁ ୪ ଜଣ ନାମ ଲେଖାଇ ନଥିବା ମେଡିକାଲ କଲେଜର ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର କୃଷ୍ଣଚନ୍ଦ୍ର ବିଶ୍ୱାଳ ପ୍ରକାଶ କରିଛନ୍ତି। ସେହିପରି ସର୍ବଭାରତୀୟ ତାଲିକାର ୧୯ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪ ଜଣ ନାମ ଲେଖାଇ ଥିବାବେଳେ ଗୁରୁବାର ସେମାନଙ୍କ ପାଇଁ ହେବାକୁ ଥିବା ସାକ୍ଷାତକାରରେ ବାକି ଥିବା ସିଟ୍ ମଧ୍ୟ ପୂରଣ ହୋଇଯିବ ବୋଲି ପ୍ରଫେସର ବିଶ୍ୱାଳ ଆଶା ପ୍ରକାଶ କରିଛନ୍ତି।

■ ସ୍ତ୍ରୀଙ୍କୁ ହତ୍ୟାକରି ଗଛରେ ଝୁଲାଇ ଦେଇଥିଲେ

# ଅଭିଯୁକ୍ତ ସ୍ୱାମୀଙ୍କୁ ଧରି ପୋଲିସ ଜିମାଦେଲେ ଗାଁଲୋକ

ଦଶମନ୍ତପୁର,୧୭।୭(ଡି.ଏନ୍.ଏ.)

ସୋମବାର ଅପରାହ୍ନରେ କାଜୁବାଡ଼ି ଦେଖାଇବାକୁ ନେଇ ସେଠାରେ ପ୍ରଥମେ ସ୍ତ୍ରୀଙ୍କୁ ହତ୍ୟା କରିଥିଲେ। ଏହାପରେ ଆତ୍ମହତ୍ୟାର ରୂପ ଦେବା ପାଇଁ ତାଙ୍କ ମୃତଦେହକୁ କାଜୁଗଛରେ ଟଙ୍ଗାଇ ଦେଇଥିଲେ ସ୍ୱାମୀ। ମଙ୍ଗଳବାର ଘଟଣା ସାମ୍ନାକୁ ଆସିଥିଲା। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଚିକାମ୍ବ ପଞ୍ଚାୟତ ଫଟକିଜାମ୍ ଗ୍ରାମରେ ଏଭଳି କାଣ୍ଡ ଘଟାଇ ଫେରାର ଥିବା ଅଭିଯୁକ୍ତ ସ୍ୱାମୀଙ୍କୁ ଗାଁଲୋକେ ବୁଧବାର କାବୁକରି ପୋଲିସ ଜିମା ଦେଇଛନ୍ତି।

ମୃତ ଚମ୍ପାବତୀ ବାଘ (୪୫)ଙ୍କ ବଡ଼ଭାଇ କହିବା ଅନୁଯାୟୀ, ଚମ୍ପା ଓ ତାଙ୍କ ସ୍ୱାମୀ ପରମା ବାଘଙ୍କ ମଧ୍ୟରେ ସବୁବେଳେ କଳି ଲାଗୁଥିଲା। ସ୍ତ୍ରୀଙ୍କୁ ସନ୍ଦେହ କରି ଝଗଡ଼ା କରିବା ସହ ପରମା ତାଙ୍କୁ ବହୁବାର ମାରିଦେବା ପାଇଁ ଉଦ୍ୟମ ମଧ୍ୟ କରୁଥିଲେ। ସୋମବାର ଅପରାହ୍ନରେ ପରମା ସ୍ତ୍ରୀଙ୍କୁ ସଲାସୁତରା କରି କାଜୁବାଡ଼ି ଦେଖିବା ପାଇଁ ଦୋରନ୍‌ଡଙ୍ଗରକୁ ନେଇଯାଇଥିଲେ। ବଡ଼ ଚତୁରତାର ସହ ସେଠାରେ ତାଙ୍କୁ ହତ୍ୟା କରିବା ପରେ ତାଙ୍କରି ଶାଢ଼ିରେ ମୃତଦେହକୁ କାଜୁଗଛରେ ଝୁଲାଇଦେଇ ପରମା ଫେରାର ହୋଇଯାଇଥିଲେ। ମା' ରାତିରେ ଘରକୁ ଫେରି ନ ଥିବାରୁ ୨ପୁଅ ଓ ଗୋଟିଏ ଝିଅ ରାତି ତମାମ ଖୋଜାଖୋଜି କରି ନିରାଶ ହୋଇଥିଲେ। ମଙ୍ଗଳବାର ସକାଳୁ କାଜୁବାଡ଼ିରେ ଚମ୍ପାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ଏହି ଘଟଣା ପରେ ଚମ୍ପାବତୀଙ୍କ ବାପା, ମା' ଥାନାର ଦ୍ୱାରସ୍ଥ ହୋଇଛନ୍ତି। 'ଆମ ମାଁରେ ଦେଶୀ ମଦ ବିକ୍ରି ହେଉଛି। ଯେବେ ଆମ ବାପା ମଦ ପିଅନ୍ତି, ମା'ଙ୍କୁ ବହୁବାର ମାଡ଼ ମାରନ୍ତି। ହେଲେ ଏବେ ମୋ ମା'ଙ୍କୁ ଜୀବନରେ ମାରିଦେଲେ' ବୋଲି ସାନ ପୁଅ ତପନ ବାଘ କହିଛନ୍ତି। ତେବେ ପୋଲିସ କେଶ୍ ନଂ ୬୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ମାନସ ଭୋଇ କହିଛନ୍ତି।

# ଶ୍ରେଣୀଗୃହରେ ଶିକ୍ଷକଙ୍କ ବଦଳରେ ରୋଷେୟା

ଲକ୍ଷ୍ମୀପୁର, ୧୭।୭(ଡି.ଏନ୍.ଏ.)

ବିଦ୍ୟାଳୟରେ ୨୪୧ ପିଲାଙ୍କ ପାଇଁ ମାତ୍ର ୨ଜଣ ଶିକ୍ଷକ। ସେମାନଙ୍କ ମଧ୍ୟରୁ ଜଣେ ଦୀର୍ଘ ଦିନ ହେବ ଛୁଟିରେ ରହିଛନ୍ତି। ତେଣୁ ତାଙ୍କ ଜାଗାରେ ରୋଷେୟାଙ୍କୁ ଏବେ ଶ୍ରେଣୀଗୃହରେ ଦେଖିବାକୁ ମିଳୁଛି। ପାଠ ପଢ କହି ସେ କେବଳ ପିଲାଙ୍କୁ ଜଗି ରହୁଛନ୍ତି। ପିଲାଙ୍କ ଭବିଷ୍ୟତ ଏବେ ରୋଷେୟାଙ୍କ ହାତରେ। ଏହା ହେଉଛି ଲକ୍ଷ୍ମୀପୁର ବ୍ଲକ କୁମୁରଡ଼ା ପଞ୍ଚାୟତ କେଲାର ଗ୍ରାମ ସେବାଶ୍ରମ ଚିତ୍ର।

କେଲାର ସେବାଶ୍ରମ ବିଦ୍ୟାଳୟରେ ୨୪୧ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। କିନ୍ତୁ ସେମାନଙ୍କ ପାଇଁ ରହିଛନ୍ତି ଜଣେ ପ୍ରଧାନଶିକ୍ଷକଙ୍କ ଓ ଅନ୍ୟ ଜଣେ ସହକାରୀ ଶିକ୍ଷୟିତ୍ରୀ। ସହକାରୀ ଶିକ୍ଷୟିତ୍ରୀ ଜଣଙ୍କ ଦୀର୍ଘଦିନ ହେବ ଛୁଟିରେ ରହିଛନ୍ତି। ଏହା ମଧ୍ୟରେ ପ୍ରଧାନଶିକ୍ଷକ ରୋଷେୟା ତୁଳା ଦାମୀଙ୍କୁ ପିଲାଙ୍କ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ତୁଳାଙ୍କ ଶିକ୍ଷାଗତ ଯୋଗ୍ୟତା କମ୍



ଶ୍ରେଣୀଗୃହରେ ପିଲାଙ୍କୁ ଜଗିଛନ୍ତି ରୋଷେୟା ।

ଥିବାରୁ ସେ ଶ୍ରେଣୀଗୃହକୁ ଯାଇ ନିଜେ ପାଠ ପଢ ବୋଲି ପିଲାମାନଙ୍କୁ ପରାମର୍ଶ ଦେଉଛନ୍ତି। ସେ କେବଳ ପିଲାଙ୍କୁ ଜଗି ରହୁଛନ୍ତି। ସ୍ଥାନୀୟ ଯୁବକଙ୍କୁ ରାତିରେ ସେବାଶ୍ରମ ଜଗାଇଦେଇ ପ୍ରଧାନଶିକ୍ଷକ ବିଭିନ୍ନ ସମୟରେ କୋରାପୁଟ ଚାଲି ଯାଉଥିବା ଅଭିଭାବକମାନେ କହିଛନ୍ତି। ଏଭଳି ଅବ୍ୟବସ୍ଥା ଯୋଗୁ ଏବେ ପିଲାଙ୍କୁ ସ୍କୁଲ ପଠାଉନାହୁଁ ବୋଲି କେତେଜଣ ଅଭିଭାବକ କହିଛନ୍ତି। ସେହିଭଳି ପିଲାଙ୍କୁ ନିମ୍ନମାନର ମଧ୍ୟାହ୍ନ ଭୋଜନ ଦିଆ ଯାଉଛି। ପିଲାମାନଙ୍କ ଆବଶ୍ୟକତା ଅନୁଯାୟୀ ଏଠାରେ ରୋଷେଇ ହେଉନାହିଁ। ଯାହାବି ରୋଷେଇ ହେଉଛି, ତାହା ଅତି ନିମ୍ନମାନର ବୋଲି ଅଭିଯୋଗ ଆଣିଛନ୍ତି ଅଭିଭାବକ। ସ୍କୁଲ ସମସ୍ୟା ନେଇ ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ରଙ୍କୁ ପଚାରିବାରୁ, ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ବିଦ୍ୟାଳୟରେ ତୁରନ୍ତ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ସେ କହିଛନ୍ତି। ବିଇଓ ବିପିନ ବିହାରୀ ପାରିକରଙ୍କୁ ଏ ସମ୍ପର୍କରେ ପଚାରିବାରୁ, ନିମ୍ନମାନର ମଧ୍ୟାହ୍ନ ଭୋଜନ ମିଳିବା ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

**ଅବ୍ୟବସ୍ଥାରେ ସେବାଶ୍ରମ**

- ୨୪୧ ପିଲାଙ୍କୁ ୨ ଶିକ୍ଷକ
- ଦୀର୍ଘଦିନ ହେବ ଛୁଟିରେ ଅଛନ୍ତି ସହକାରୀ ଶିକ୍ଷୟିତ୍ରୀ
- ଯୁବକଙ୍କୁ ରାତିରେ ଜଗାଇ ଦେଇ କୋରାପୁଟ ଚାଲି ଯାଉଛନ୍ତି ପ୍ରଧାନଶିକ୍ଷକ
- ମିଳୁଛି ନିମ୍ନମାନର ମଧ୍ୟାହ୍ନଭୋଜନ

## ୧୪ ଦାଦନ ଶ୍ରମିକ ଉଦ୍ଧାର

ନବରଙ୍ଗପୁର,୧୭।୭(ବି.ପ୍ର)

ନବରଙ୍ଗପୁର ମଙ୍ଗଳମ ଟିମ୍ବର୍ସ ଛକ ନିକଟରୁ ଉମରକୋଟ-ବିଶାଖାପାଟଣା ଯାଉଥିବା ଏକ ବସରୁ ୧୪ ଦାଦନ ଶ୍ରମିକଙ୍କୁ ନବରଙ୍ଗପୁର ପୋଲିସ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରେ ଜଣେ ନାବାଳକ, ଜଣେ ନାବାଳିକା ରହିଛନ୍ତି। ଦାଦନ ଶ୍ରମିକମାନେ ଚେନ୍ନାଇରେ କାମ କରିବାକୁ ଯାଉଥିଲେ। ଯୁବକମାନେ ବୋଲୱେଲ ଖନନ ଗାଡିରେ କାମ କରିବାକୁ ଯାଉଥିବା ବେଳେ ଯୁବତୀମାନେ ସିଲେଇ କେନ୍ଦ୍ରରେ କାମ କରିବାକୁ ଯାଉଥିଲେ। ସେମାନଙ୍କୁ ସାଥୀରେ ନେଇ ଯାଉଥିବା ଝରିଗାଁ ବ୍ଲକ ସିଂସାରୀ ଅଞ୍ଚଳର ଆର.ମୃତ୍ୟୁରାଜ ଓ ଅଲାଁଭଟ୍ଟା ଗ୍ରାମର ଶାନ୍ତନୁ ବାଘଙ୍କୁ ପୋଲିସ ଅଟକ ରଖିଛି। ଏସଆଇ ଆର.ଏନ. ପ୍ରଧାନ, ଅଶୋକ ଦେଓ, କନଷ୍ଟେବଳ ଅନୀଳ ପୃଷ୍ଟି ସେମାନଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ଲେବର ଇନ୍ସପେକ୍ଟର ବୁଲୁ ଶ୍ରୀହରିଆ ଥାନାରେ ପହଞ୍ଚିଥିଲେ।

■ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ତରବରିଆ ଭାବେ ମରାମତି କାର୍ଯ୍ୟ ଆରମ୍ଭ

ନବରଙ୍ଗପୁର,୧୭।୭(ବି.ପ୍ର.)



ରୋଗୀଙ୍କ ପାଇଁ ନୂତନ ବେଡ ପକାଯାଉଛି ।



ଶୌଚାଳୟ ମରାମତି ଚାଲିଛି ।

ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ଖାଦ୍ୟ ମନ୍ତ୍ରଣାଳୟର ନୀତି ଆୟୋଗ ଅଧିକାରୀ ଖୁସବୁ ସାୟାଦ ନବରଙ୍ଗପୁର ଗସ୍ତରେ ଆସିଛନ୍ତି । ସେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନରେ ଯିବେ । ଏହାକୁ ଦୃଷ୍ଟିରେ ରଖି ତରବରିଆ ଭାବେ ଦିନ ରାତି ଏକ କରି ମରାମତି କାର୍ଯ୍ୟ ଓ ରଙ୍ଗଦିଆ ଆରମ୍ଭ ହୋଇଛି । ରୋଗୀଙ୍କ ପାଇଁ ନୂଆ ବେଡ ସହ ଡାକ୍ତରଖାନା ପରିସର ଫିନାଇଲ ପକାଇ ସଫା କରାଯାଉଛି । କର୍ମଚାରୀଙ୍କ ଡିୟୁଟି ଚାର୍ଟ ଟଣାଯାଇଛି । କର୍ମଚାରୀ ମାନେ ପରିଚୟ ପତ୍ର ବେକରେ ଲଗାଇ ବୁଲୁଛନ୍ତି । ଗତ ତିନିଦିନ ତଳେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପୂତିଗନ୍ଧମୟ ପରିବେଶ ହୋଇ ରହିଥିଲା । ଯାହାକି ରୋଗୀ ଓ ସମ୍ପର୍କୀୟଙ୍କ ପାଇଁ ଅସହ୍ୟ ହୋଇ ପଡୁଥିଲା। ଜିଲା ପରିଷଦ ବୈଠକରେ ଉରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଓ ସଭ୍ୟାସଭ୍ୟମାନେ ଡାକ୍ତରଖାନା ପରିବେଶ ନେଇ ଚିନ୍ତାର କାରଣ ବୋଲି କହିବା ସହ ଏହାର ମରାମତି, ଡ୍ରେନ ନିର୍ମାଣ ଓ ସଫେଇ ପାଇଁ ଦାବୀ କରିଥିଲେ । ତହା ହୋଇ ପାରୁ ନଥିଲା । କିନ୍ତୁ ଏବେ ପଲିଥିନ ଓ ଆବର୍ଜନା ଭରି ହୋଇ ପଡିଥିବା ଡ୍ରେନ ସଫା କରାଯାଉଛି । ଶୌଚାଳୟ ମଧ୍ୟରେ ପଶିବା ରୋଗୀଙ୍କ ପାଇଁ ବଡ ସମସ୍ୟା ହୋଇଥିଲା। ଏହାର ମରାମତି କାର୍ଯ୍ୟ ଆରମ୍ଭ ହୋଇ ଯାଇଛି ।




ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଉଛି ।

# ଜବରଦଖଲ ଉଚ୍ଛେଦ

ନବରଙ୍ଗପୁର,୧୭।୭(ବି.ପ୍ର.)

ଉମରକୋଟରେ ଦୋକାନୀମାନେ ଜବରଦଖଲ କରି ରାସ୍ତା ଆଡକୁ ବଢାଇଥିବାରୁ ଉମରକୋଟର ପୌର ପ୍ରଶାସନ ଓ ପୋଲିସ ପ୍ରଶାସନର ମିଳିତ ଉଦ୍ୟମରେ ଉଚ୍ଛେଦ କରାଯାଇଛି । ତେବେ ଲିଖିତ ନୋଟିସ କିଛି ନ କରାଯାଇ ଉଚ୍ଛେଦ କରାଯାଉଥିବାରୁ ବ୍ୟବସାୟୀ ଏହାକୁ ନାପସନ୍ଦ କରିଛନ୍ତି । ଏନେଇ କିଛି ସମୟ ପାଟିତୁଣ୍ଡ ହୋଇଥିଲା । ତେବେ ପୌର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ନେଇ ପୂର୍ବରୁ ଡାକବାଜୀ ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଇଥିଲା । ବୁଧବାର ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ତହସିଲଦାର ତଥା ପୌର ସଂସ୍ଥା ନିର୍ବାହୀ ଅଧିକାରୀ ଧର୍ମରାଜ ମାଝୀ ଓ ପୋଲିସଙ୍କ ଉପସ୍ଥିତିରେ ସରକାରୀ ବସଷ୍ଟାଣ୍ଡ, ଉମରକୋଟ-କୋଣ୍ଡାଗାଁ ରାସ୍ତା, ଉମରକୋଟ-ରାଇଘର ରାସ୍ତା ର ଆଂଶିକ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯାଇଛି ।

# ନ୍ୟାୟ ପାଇଁ ପୀଡ଼ିତା ଏସ୍‌ପିଙ୍କ ଦ୍ୱାରସ୍ଥ

ନବରଙ୍ଗପୁର,୧୭।୭(ବି.ପ୍ର.)

ନ୍ୟାୟ ପାଇଁ ଜଣେ ପୀଡିତା ନବରଙ୍ଗପୁର ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଥିପାଇଁ ପୀଡିତାଙ୍କୁ ସହଯୋଗର ହାତ ବଢାଇଛନ୍ତି ସାମାଜିକ କର୍ମୀ ପ୍ରମିଳା ତ୍ରିପାଠୀ। ୨୦୦୯ ମସିହାରେ କଳାହାଣ୍ଡି ଜିଲା ଟୁମୁରା ଗ୍ରାମର ନବଘନ ସାହୁଙ୍କ ପୁଅ ରାଜେଶ କୁମାର ସାହୁ ତାଙ୍କ ସମ୍ପର୍କୀୟଙ୍କ ବାହାଘର ଉତ୍ସବରେ ଯୋଗ ଦେବା ପାଇଁ ମଇଦଲପୁର ଆସିଥିଲେ। ସେଠାରେ ନବରଙ୍ଗପୁର ଜିଲା ମଇଦଲପୁର ଗ୍ରାମର ଜଣେ ଯୁବତୀଙ୍କ ମଧ୍ୟରେ ଭେଟ ହୋଇଥିଲା। ଯୁବତୀଙ୍କ ଘରକୁ ଟିଭି ଦେଖିବା ପାଇଁ ରାଜେଶ ଯିବା ଆସିବା କରୁଥିଲେ। ଏହି ସମୟ ମଧ୍ୟରେ ରାଜେଶଙ୍କ ଉକ୍ତ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣଙ୍କ ଏ ସମ୍ପର୍କରେ ମା' ଙ୍କୁ କହିଦେବ ବୋଲି କହିବାରୁ ରାଜେଶ ଜୀବନରେ ମାରିଦେବାକୁ ଧମକ ଦେବାସହ ଅଶ୍ଳୀଳ ଫଟୋ ଗୁଡିକୁ ସୋସିଆଲ ମିଡିଆରେ ଭାଇରାଲ କରିବ ବୋଲି ଧମକ ଦେଇଥିଲା। ଯୁବତୀ ଜଣକ ମାଆକୁ ଜଣାଇବା ପରେ ତାଙ୍କ ଅଭିଭାବକମାନେ ପଡୋଶୀଙ୍କ ସହ ମିଶି ରାଜେଶଙ୍କ ଘରକୁ ଯାଇ ସମାଧାନ କରିବାକୁ ଉଦ୍ୟମ କରିଥିଲେ। ଏହା ମଧ୍ୟରେ ଦିନେ ପୀଡିତାଙ୍କ ଅଭିଭାବକଙ୍କ ଅନୁପସ୍ଥିତିରେ ରାଜେଶ ପହଞ୍ଚି ବୈଦିକ ରିତୀରେ ବାହାହେବ ବୋଲି କହି ପୂର୍ନବାର ଶାରିରୀକ ସମ୍ପର୍କ ରଖିଥିଲେ। ଏଭଳି ପ୍ରତିଶ୍ରୁତି ଦେଇ ସେ ବାରମ୍ବାର ସମ୍ପର୍କ ରଖିବା ଫଳରେ ପୀଡିତା ଦୁଇଥର ଗର୍ଭବତୀ ହୋଇଥିଲେ। ରାଜେଶ ଔଷଧ ଦେଇ ଯୁବତୀଙ୍କ ଗର୍ଭ ନଷ୍ଟ କରିଥିଲେ। ପୀଡିତାଙ୍କ ପରିବାର ଲୋକ ରାଜେଶଙ୍କୁ ବାହାହେବା ସମ୍ପର୍କରେ ପଚାରିଥିଲେ। ରାଜେଶ ଓ ତାଙ୍କ ପରିବାର ସଦସ୍ୟମାନେ ସେମାନଙ୍କୁ ଗାଳିଗୁଲଜ କରିବା ସହ ମୁହଁରେ ଏସିଡ ଫିଙ୍ଗିଦେବେ ବୋଲି ଧମକ ଦେଇଥିଲେ। ଏ ସମ୍ପର୍କରେ ପୀଡିତା ମଇଦଲପୁର ଫାଣ୍ଡିରେ ଏତଲା ଦେଇଥିଲେ। କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ପୀଡିତାଙ୍କ ପରିବାର ସାମାଜିକ କର୍ମୀ ପ୍ରମୀଳା ତ୍ରିପାଠୀଙ୍କ ସହଯୋଗ ଲୋଡିଥିଲେ। ସାମାଜିକ କର୍ମୀ ତ୍ରିପାଠୀ ଏଥିରେ ହସ୍ତକ୍ଷେପ କରି ପାପଡାହାଣ୍ଡି ଥାନାକୁ ଯାଇ ଏକ ଏତଲା ଦାୟର କରିଛନ୍ତି। ତେବେ ଏତଲାରେ ଉଲ୍ଲେଖ ଥିବା ଅଭିଯୁକ୍ତଙ୍କ ମଧ୍ୟରୁ ଦୁଇଜଣଙ୍କ ନାମ ବାଦ ଦେବା ଓ ଭାଇରାଲ ଧମକ ଦେବା ଧାରାକୁ ଏତଲା କପିରେ ବାଦ ଥିବା ଦେଖି ପ୍ରମିଳା ତ୍ରିପାଠୀ ଏସପିଙ୍କୁ ଭେଟିଥିଲେ। ଏସପି ପ୍ରମିଳାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ବାଦ ଦିଆଯାଇଥିବା ନାମକୁ ସଂଯୋଗ କରିବା ସହ ଧାରା ଗୁଡିକୁ ପୁନଃ ଲାଗୁ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଭିଯୁକ୍ତଙ୍କୁ ଦୁଇ ତିନି ଦିନ ମଧ୍ୟରେ ଗିରଫ କରାଯିବ ବୋଲି ଏସପି ନିତିନ କୁସାଲକର ଗଣମାଧ୍ୟମକୁ କହିଛନ୍ତି।

# ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କଲେ ନୀତି ଆୟୋଗ ଅଧିକାରୀ

ଡାବୁଗାଁ/ଝରିଗାଁ, ୧୭।୭
(ଡି.ଏନ.ଏ./ସ୍ୱ.ପ୍ର.)



ଏସଏଚଜି ସଦସ୍ୟଙ୍କ ଦ୍ୱାରା ଖଲି ସିଲେଇକୁ ନୀତି ଆୟୋଗ ଅଧିକାରୀ ଦେଖୁଛନ୍ତି ।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକକୁ କେନ୍ଦ୍ର ସରକାରଙ୍କ ନୀତି ଆୟୋଗ ଅଧିକାରୀ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ । ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ଖାଦ୍ୟ ମନ୍ତ୍ରଣାଳୟର ନୀତି ଆୟୋଗ ଅଧିକାରୀ ଖୁସବୁ ସାୟାଦ ଡାବୁଗାଁ ବ୍ଲକ ଅଧୀନ ହାଟପଦା ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ପ୍ରି-ବିଦ୍ୟାଳୟ ଦେଖିଥିଲେ। ଏହା ପରେ ଜୟନ୍ତୀନଗର-୨ ଅଙ୍ଗନୱାଡି କେନ୍ଦ୍ରରେ ଚାଲିଥିବା ଟୀକା କାର୍ଯ୍ୟକ୍ରମ ଦେଖିଥିଲେ । କିଶୋରୀ, ଗର୍ଭବତୀ ଓ ପ୍ରସୂତୀଙ୍କ ସହ ଖାଦ୍ୟ, ସ୍ୱାସ୍ଥ୍ୟର ଯତ୍ନ ଉପରେ ଆଲୋଚନା କରିଥିଲେ । ଏଥିରେ ଜିଲା ଯୋଜନା କାର୍ଯ୍ୟାଳୟ ସହକାରୀ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଡାବୁଗାଁ ବିଡିଓ ରଞ୍ଜିତାମେରୀ ନାୟକ, ସିଡିପିଓ ଗୀତାରାଣୀ ସାହୁ, ଅଙ୍ଗନୱାଡି ସୁପରଭାଇଜର ପ୍ରଣମିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଝରିଗାଁ ବ୍ଲକର ଧୋଡ୍ରା ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିତି ଆୟୋଗ ଅଧିକାରୀ ଖୁସବୁ ସାୟଦ ପରିଦର୍ଶନ କରି ସେଠାରେ ରହିଥିବା ସମସ୍ୟା ସମ୍ପର୍କରେ ବୁଝିଥିଲେ। ବେଲଗାଁ ସ୍ଥିତ ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସେଠାରେ ସ୍ୱାସ୍ଥ୍ୟସେବା ସମ୍ପର୍କରେ ପଚାରି ବୁଝିଥିଲେ। ଝରିଗାଁ ବ୍ଲକ ସଦର ମହକୁମାରେ ରହିଥିବା ମା' ଦନ୍ତେଶ୍ୱରୀ ମହିଳା ସ୍ୱୟଂ ସହାୟିକା ଦଳକୁ ସାକ୍ଷାତ କରି ମହିଳାମାନେ କିପରି ଉପାୟରେ ଅର୍ଥ ଉପାର୍ଜ୍ଜନ କରି ପାରୁଛନ୍ତି ତାହା ସବୁ ଦେଖିଥିଲେ। ମା' ଦନ୍ତେଶ୍ୱରୀ ଏସ୍‌ଏଚ୍‌ଜି ପ୍ରାୟ ୧୯ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା। ଦଳର ୧୦ ଜଣ ମହିଳା ପ୍ରଥମେ ଦଶଟି ଗାଇ କିଣି କ୍ଷୀର ବ୍ୟବସାୟ କରିଥିଲେ। ଆଉ କେତେ ଜଣ ମହିଳା ଗୋପାଳନ ସହ ଖଲି ସିଲାଇ କରି ପରିବାର ପୋଷଣ କରିଥିବା କହିଥିଲେ। ଏସ୍‌ଏଚ୍‌ଜି ଗଠନ କରି ଭଲରେ ରହୁଥିବା ନେଇ ପ୍ରକାଶ କରିଥିଲେ। ଏହାପରେ ନିତି ଆୟୋଗ ଭିକ୍ଷା ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଯାଇ ରେଜିଷ୍ଟର ଯାଞ୍ଚ କରିଥିଲେ। ପ୍ରାକ ସ୍କୁଲ ଝିଅ ପୁଅଙ୍କୁ କିପରି ଖାଦ୍ୟ, ପୋଷାକ ଦିଆଯାଉଛି ସେସବୁ ଦେଖିବା ପରେ ଅଙ୍ଗନୱାଡି କେନ୍ଦ୍ରର ପିଲାମାନଙ୍କ ଦ୍ୱାରା ଅନୁଷ୍ଠିତ ନାଚ ଦେଖିଥିଲେ। ଡଙ୍ଗରୀଗୁଡା ପଞ୍ଚାୟତ ଅନ୍ତର୍ଗତ ଟୁଟିଗୁଡା ଗ୍ରାମରେ ନିର୍ମିତ ହୋଇଥିବା ଟ୍ରେନ ବଗି ଆକୃତିର ଅଙ୍ଗନୱାଡି କେନ୍ଦ୍ରକୁ ଦେଖି ଅତ୍ୟନ୍ତ ଖୁସି ହୋଇଥିଲେ। ଏପିଡି ସୂର୍ଯ୍ୟକାନ୍ତି ବେହେରା, ଡିପିଏମ୍(ଓଏଲ୍ଏମ୍) ପ୍ରୀୟମ୍ବଦା ବିଶୋଇ, ବିଡିଓ ଦେବେନ୍ଦ୍ର ବାହାଦୂରସିଂ ଧରୁଆ, ସିଡିପିଓ ବାସନ୍ତି ପଣ୍ଡା, ବିପିଏମ୍(ଓଏଲ୍ଏମ୍) ଗୋପାଳକୃଷ୍ଣ ଦୀପ ପ୍ରମୁଖ ଉପସ୍ଥିତ ଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ଶଶୁରଘରେ ଜ୍ୱାଇଁଙ୍କ ଆତ୍ମହତ୍ୟା

**ଜୟପୁର,୧୭।୭(ଡି.ଏନ୍.ଏ.):** କୋରାପୁଟ ଜିଲା ଜୟପୁର ସଦରଥାନା ଗରୁଡ଼ଗୁଡ଼ା ଗ୍ରାମରେ ଶଶୁର ଘରେ ଜ୍ୱାଇଁ କୀଟନାଶକ ଖାଇ ଆତ୍ମହତ୍ୟା କରିଛନ୍ତି । ମୃତକ ହେଉଛନ୍ତି କୁନ୍ଦୁରା ଥାନା ଭୁଷଣ୍ଡଗୁଡ଼ା ଗ୍ରାମର ଦୁରୁବ ଗାଦବା (୨୮)। ମଙ୍ଗଳବାର ବିଳମ୍ବିତ ରାତିରେ ସେ କୀଟନାଶକ ଔଷଧ ଖାଇ ଦେଇଥିଲେ । ଶଶୁରଘର ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଜୟପୁର ଜିଲା ଚିକିତ୍ସାଳୟକୁ ଆଣିଥିଲେ । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି । ତାଙ୍କର ସାମାନ୍ୟ ମସ୍ତିଷ୍କ ବିକୃତି ରହିଥିବା ଗାଗନାପୁର ଫାଣ୍ଡି ଅଧିକାରୀ କବିରାଜ ସାହୁ ପ୍ରକାଶ କରିଛନ୍ତି।

### ଭାଙ୍ଗିଲା ନାଲ୍କୋ ପ୍ଲାଣ୍ଟ ରିକ୍ଲାଇମର



**ଦାମନଯୋଡି, ୧୭।୭(ଡି.ଏନ୍.ଏ.):** ଦାମନଯୋଡି ନାଲ୍କୋ ପ୍ଲାଣ୍ଟରେ ଥିବା ରିକ୍ଲାଇମର ତିନି ଦିନ ପୂର୍ବେ ଭାଙ୍ଗି ଯାଇଥିବା ସୂଚନା ମିଳିଛି। ରିକ୍ଲାଇମରର ନିମ୍ନ ଅଂଶ ଭାଙ୍ଗି ଯିବାରୁ ଏହା ଏକ ପାର୍ଶ୍ୱକୁ ଢଳି ପଡିଛି। ତେବେ ଏଥିରେ କୌଣସି କ୍ଷତି ହୋଇ ନଥିବା ସୂଚନା ମିଳିଛି। ପ୍ରକାଶଯେ, ରିକ୍ଲାଇମର ବ୍ୟବହାର କରି ମାଇନ୍ସରୁ ଆସୁଥିବା ବକ୍ସାଇଟ୍‌କୁ ଗୁଣ୍ଡ କରାଯାଇ ପ୍ଲାଣ୍ଟକୁ ପଠାଯାଏ। ତେବେ କୋଟି କୋଟି ଟଙ୍କାର ଏହି ରିକ୍ଲାଇମରଗୁଡିକର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଏହା ଭାଙ୍ଗିପଡିଛି। କମ୍ପାନୀ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ମତପ୍ରକାଶ ପାଇଛି।

### ଟ୍ରକ୍ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଟଳିଲା ଦୁର୍ଘଟଣା

**କୋରାପୁଟ,୧୭।୭(ସ୍ୱ.ପ୍ର.):** ଜୟପୁର-କୋରାପୁଟ ରାସ୍ତାରେ ଥିବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ନିକଟରେ ବୁଧବାର ଅପରାହ୍ନରେ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଏକ ଦୁର୍ଘଟଣା ଟଳିଯାଇଛି। ଫଳରେ ଧନ ଜୀବନ ହାନିକୁ ଏଡ଼ାଇ ଦିଆଯାଇପାରିଛି। ବୁଧବାର ସନ୍ଧ୍ୟାରେ ଜୟପୁରରୁ କୋରାପୁଟ ଆଡ଼କୁ ଆସୁଥିଲା ଏକ ମାଲ ବୋଝେଇ ଟ୍ରକ୍ (ଏପି୩୧ ଟିୟୁ ୩୫୬୯)। ସ୍ଥାନୀୟ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ୨୬ ନମ୍ବର ଜାତୀୟ ରାଜପଥରେ କୌଣସି କାରଣ ଯୋଗୁ ଏହାର ବ୍ରେକ୍ ଫେଲ୍ ହୋଇଯାଇଥିଲା। ତେବେ ଟ୍ରକ୍ ଡ୍ରାଇଭର ଉପସ୍ଥିତ ବୁଦ୍ଧି ଖଟାଇ ଗାଡ଼ିକୁ ରାସ୍ତାକଡ଼ରେ ଥିବା ଏକ ଗଛ ଆଡ଼କୁ ବୁଲାଇଦେବା ପରେ ଏକ ନାଳ ମଧ୍ୟରେ ଚକ ଫଶିଯାଇ ଅଟକି ଯାଇଥିଲା। ସେତେବେଳେ ଗାଡ଼ି ଆଗରେ ବହୁ ବାଇକ୍, କାର୍ ଯିବା ଆସିବା କରୁଥିବା ସହ ରାସ୍ତାରେ କେତେକ ଯାତ୍ରୀ ମଧ୍ୟ ଚାଲିଚାଲି ଯାଉଥିଲେ। ସମସ୍ତେ ଟ୍ରକ୍ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ବର୍ତ୍ତିଯାଇଥିବା କହିଛନ୍ତି।

■ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବସ୍ ମାଲିକଙ୍କୁ ମିଳିନି ପାଉଣା

# ୭୫ ବସ୍ ମାଲିକଙ୍କ ବକେୟା ରହିଛି ୩୦ ଲକ୍ଷ

**ରାୟଗଡା ଅଫିସ୍, ୧୭।୭**

■ଜିଲାପାଳଙ୍କ ଦ୍ୱାରସ୍ଥ ହେଲା ବସ ମାଲିକ ସଂଘ

■ତୁରନ୍ତ ପ୍ରଦାନ ନ ହେଲେ ୨୫ରୁ ଧାରଣା



ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ବସ ମାଲିକ ସଂଘର ସଦସ୍ୟମାନେ ।

ରାୟଗଡା ଜିଲାରେ ଥିବା ୭୫ଟି ବସ୍ ମାଲିକଙ୍କ ୩୦ ଲକ୍ଷ ଟଙ୍କା ପ୍ରଶାସନ ପାଖରେ ବକେୟା ପଡିଛି । ନିର୍ବାଚନ କାର୍ଯ୍ୟରେ ନିୟୋଜିତଠାରୁ ଆରମ୍ଭକରି ତା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ଏବଂ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ନିୟୋଜିତ ହୋଇଥିବା ବସ୍ ବାବଦର ଭଡା ପ୍ରଶାସନ ପ୍ରଦାନ କରି ନାହାନ୍ତି । ଏନେଇ ବୁଧବାର ବସ୍ ମାଲିକ ସଂଘର ସଦସ୍ୟମାନେ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସେମାନେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାପାଳଙ୍କୁ ସାକ୍ଷାତକରି ନିଜର ଅଭିଯୋଗ ଦାଖଲ କରିଥିଲେ । ତୁରନ୍ତ ସେମାନଙ୍କ ଭଡା ଅର୍ଥ ପ୍ରଦାନ କରିବାକୁ ଦାବି କରିଥିଲେ । ଅଭିଯୋଗ ପାଇବା ପରେ ଜିଲାପାଳ ଏନେଇ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ ହେବ ବୋଲି ବସ୍ ମାଲିକମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ବସ୍ ମାଲିକ ସଂଘ ପକ୍ଷରୁ ପି.ସୋମେଶ୍ୱର ରାଓ, ଜିତୁ ପାଢ଼ୀ, କେ.ପୀତାମ୍ବର ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ । ତୁରନ୍ତ ବକେୟା ଅର୍ଥ ପ୍ରଦାନ ନ ହେଲେ ଆସନ୍ତା ୨୫ତାରିଖରୁ ଧାରଣା ଦେବେ ବୋଲି ବସ୍ ମାଲିକମାନେ ଘୋଷଣା କରିଛନ୍ତି । ଫେବୃୟାରୀ ୨୭ ତାରିଖରେ ମୁଖ୍ୟମନ୍ତ୍ରୀ ରାୟଗଡା ଗସ୍ତ କରିଥିଲେ । ମିଶନ ଶକ୍ତି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦାନ କରିଥିବା ବେଳେ ଜିଲାର ସମସ୍ତ ୧୧ଟି ବ୍ଲକ୍ ଓ ୩ଟି ପୌରାଞ୍ଚଳରୁ ବସ୍‌ଗୁଡିକ ନିୟୋଜିତ ହୋଇଥିଲା । ସେହିଭଳି ଏପ୍ରିଲରେ ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ମଧ୍ୟ ବସ୍‌ଗୁଡିକୁ ନିୟୋଜିତ କରାଯାଇଥିଲା । ପରେ ଏହି ଜିଲାରୁ ବସ୍‌ଗୁଡ଼ିକୁ ବଲାଙ୍ଗୀର ଓ ବରଗଡ ଜିଲାକୁ ପଠାଯାଇଥିଲା । ଡିସେମ୍ବରରେ ଅନୁଷ୍ଠିତ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ମଧ୍ୟ ଲୋକଙ୍କୁ ଆଣିବା ନିମନ୍ତେ ଅନେକ ବସ୍ ନିୟୋଜିତ କରାଯାଇଥିଲା । ଏହିସବୁ ବାବଦର ଅର୍ଥ ଅଦ୍ୟାବଧି ବସ୍ ମାଲିକଙ୍କୁ ପ୍ରଦାନ କରାଯାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି । ଗୋଟିଏ ଲେଖାଏ ବସ୍ ପିଛା ୪୦ହଜାର ଟଙ୍କା ବକେୟା ରହିଥିବା ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ବାରମ୍ବାର ନିବେଦନ କରିବା ପରେ ମଧ୍ୟ କେହି ଅର୍ଥ ରାଶି ପ୍ରଦାନ ନିମନ୍ତେ କର୍ଣ୍ଣପାତ କରୁ ନ ଥିବା ବସ୍ ମାଲିକମାନେ ଅଭିଯୋଗ କରିଛନ୍ତି ।



ବୋଲବମ୍ ଭକ୍ତ ଜଳ ନେଇ ଯାଉଛନ୍ତି ।

## ଜଳ ଲାଗି କଲେ ବୋଲବମ୍ ଭକ୍ତ

**ଟିକିରି,୧୭।୭(ଡି.ଏନ.ଏ)**

ବୁଧବାର ଥିଲା ଶ୍ରାବଣ ମାସର ପ୍ରଥମ ଦିନ । ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିର ବିଭିନ୍ନ ସ୍ଥାନରେ ଥିବା ଶିବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଟିକିରି ହରିହର ବୋଲବମ୍ ସଂଘର ସଦସ୍ୟ ଜଳଲାଗି କରିଥିଲେ । କସାରିଗୁଡ଼ା ନଦୀରୁ ପାଣି ଆଣି ଧବଳେଶ୍ୱର ଶିବ ମନ୍ଦିରରେ ଜଳ ଲାଗି କରିଥିଲେ ।

■ ସହରରେ ପଲିଥିନ ଧରପଗଡ଼

## ୩ ହଜାର ଟଙ୍କା ଜରିମାନା ଆଦାୟ

**ରାୟଗଡା ଅଫିସ୍, ୧୭।୭**

ବେଆଇନ ପଲିଥିନ ବିକ୍ରିକୁ ନେଇ ସହରରେ ଧରପଗଡ ଆରମ୍ଭ ହୋଇଛି । ପୌର ପରିଷଦ ପକ୍ଷରୁ ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇ ବେଆଇନ ଭାବେ ଗଚ୍ଛିତ ରଖିଥିବା ବ୍ୟବସାୟୀଙ୍କ ନିକଟରୁ ପଲିଥିନ ଜବତ କରାଯାଇଛି । ଗତ ୧ତାରିଖଠାରୁ ପୌର ପରିଷଦ ପକ୍ଷରୁ ପଲିଥିନ ବନ୍ଦ ନେଇ ଘୋଷଣା କରାଯାଇଥିଲା । ଏହି କ୍ରମରେ ପ୍ରତିଦିନ ପୌର ପରିଷଦ ପକ୍ଷରୁ ଏକ ଟିମ୍ ବାହାରି ସହରର ପ୍ରତ୍ୟେକ ଦୋକାନ, ବଜାରରେ ବୁଲି ପଲିଥିନ ଜବତ କରାଯାଉଛି । ଏଥିସହ ବେଆଇନ୍ ପଲିଥିନ ରଖିଥିବା ବ୍ୟବସାୟୀଙ୍କୁ ଜରିମାନା ଆଦାୟ କରାଯାଇଛି । ବୁଧବାର ସହରର ମୁଖ୍ୟବଜାର, ନ୍ୟୁକଲୋନୀ, ମେନରୋଡଠାରେ ଚଢ଼ାଉ କରି ୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ବାରମ୍ବାର ବେଆଇନ ପଲିଥିନକୁ ବ୍ୟାନ କରିବା ପାଇଁ ପୌର ପରିଷଦ ପକ୍ଷରୁ ଘୋଷଣା କରାଯାଉଥିଲେ ମଧ୍ୟ ବ୍ୟବସାୟୀମାନେ ଏହାକୁ କର୍ଣ୍ଣପାତ କରୁନାହାନ୍ତି । ବହୁଳ ମାତ୍ରାରେ ପଲିଥିନ ବ୍ୟବହାର ଯୋଗୁ ସହରର ସମସ୍ତ ନାଳ ନର୍ଦ୍ଦମାଗୁଡିକ ଆବର୍ଜନାରେ ଭରପୂର ରହୁଛି । ଫଳରେ ଡ୍ରେନରେ ପାଣି ଭର୍ତ୍ତି ହୋଇ ରାସ୍ତା ଉପରେ ଭାସୁଛି । ବାରମ୍ବାର ଡ୍ରେନଗୁଡିକ ସଫେଇ କରାଯିବା ପରେ ମଧ୍ୟ ପଲିଥିନ ଯୋଗୁ ପୁଣି ସେଗୁଡିକ ଭର୍ତ୍ତି ହୋଇଯାଉଛି । ଡ୍ରେନରେ ପାଣି ଜମାଟ ବାନ୍ଧିବା ଦ୍ୱାରା ସେଥିରୁ ଅଞ୍ଚଳରେ ବିଭିନ୍ନ ପ୍ରକାର ସଂକ୍ରମଣ ରୋଗରେ ସହରବାସୀ ଶିକାର ହେଉଛନ୍ତି । ଅପରପକ୍ଷରେ ଗୋରୁମାନେ ପଲିଥିନ ଖାଇ ମୃତ୍ୟୁର ଶିକାର ହେଉଛନ୍ତି । ତେଣୁ ସହରକୁ ସମ୍ପୂର୍ଣ୍ଣ ରୂପେ ପଲିଥିନମୁକ୍ତ କରିବା ପାଇଁ ଚଢ଼ାଉ ପ୍ରକ୍ରିୟା ଜାରି ରହିଛି । ତେବେ ପଲିଥିନ ଚଢ଼ାଉ କ୍ରମାଗତ ଭାବେ ଜାରି ରହିଲେ ସହରକୁ ପଲିଥିନମୁକ୍ତ କରାଯାଇପାରିବ ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଛି । କାରଣ କିଛି ଦିନ ଚଢ଼ାଉ କରାଯିବା ପରେ ପୁଣି ବନ୍ଦ କରାଯାଉଥିବାରୁ ପଲିଥିନ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇପାରୁନାହିଁ ।



ଏକ ଦୋକାନରୁ ପଲିଥିନ ଜବତ କରାଯାଉଛି ।

## ମୁନିଗୁଡ଼ାରେ 'ସେଲ୍‌ଫିଶ୍ ଦିଲ୍'ର ପ୍ରମୋଶନ




ରୋଡ଼ ଶୋ'ରେ ହିରୋଇନ ହିରୋ ସିନେପ୍ରେମୀଙ୍କ ସହ ହାତ ମିଳାଉଛନ୍ତି ।

**ମୁନିଗୁଡ଼ା,୧୭।୭(ଡି.ଏନ.ଏ)**

ଓଡ଼ିଆ ଫିଲ୍ମ 'ସେଲଫିଶ୍ ଦିଲ୍'ର ପ୍ରମୋଶନ ଲାଗି ବୁଧବାର ରାୟଗଡ଼ା ଜିଲା ମୁନିଗୁଡ଼ାରେ ପହଞ୍ଚିଛନ୍ତି ହିରୋ ଶ୍ରେୟାନ ଓ ହିରୋଇନ ସୂର୍ଯ୍ୟମୟୀ । ସେମାନେ ସ୍ଥାନୀୟ ହୋଟେଲ ସାହିନ ପରିସରରୁ ଏକ ରୋଡ଼ ଶୋ' ରେ ବାହାରି ସହର ପରିକ୍ରମା କରିଥିଲେ । ପରେ ପଦ୍ମାଳୟ ଟକିଜ ନିକଟରେ ପହଞ୍ଚି ସିନେପ୍ରେମୀଙ୍କ ସହ ସେଲଫି ଉଠାଇଥିଲେ । ରୋଡ଼ ସୋରେ ବହୁ ସଂଖ୍ୟାରେ ସିନେପ୍ରେମୀ ସାମିଲ ହୋଇ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ରାୟଗଡ଼ା ମାଟିର ପୁଅ ହୋଇଥିବାରୁ ଶ୍ରେୟାନଙ୍କୁ ବିଭିନ୍ନ ସ୍ଥାନରେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । କାଳାକରଙ୍କ ସହ ହଲରେ ସିନେମା ଦେଖିବାକୁ ବହୁ ସିନେପ୍ରେମୀ ଆଡ଼ଭାନ୍ସ ଟିକେଟ କରି ସିନେମା ଦେଖିଥିଲେ । ଫିଲ୍ମର ଟାଇଟଲ ଗୀତ 'ହାଏରେ ମୋ ସେଲଫିଶ୍ ଦିଲ୍' ଦର୍ଶକଙ୍କ ମନକୁ ବେଶ୍ ଛୁଇଁଛି । ପଞ୍ଚବଟି ସିନେ କ୍ରିଏଶନର ପ୍ରଥମ ଅବଦାନ ଏହି ସିନେମାରେ ନବାଗତ ଶ୍ରେୟାନ ଓ ସୂର୍ଯ୍ୟମୟୀ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ସୁଶାନ୍ତ ନାୟକ ନିବେଦିତ ଓ ବସନ୍ତ ସାହୁଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ପ୍ରଯୋଜନା କରିଛନ୍ତି ହେମନ୍ତ ନାୟକ । ଏଥିରେ ଶକ୍ତି ବରାଳ, ବିଜୟ ମହାନ୍ତି ଓ ଗୁଡୁଙ୍କ ଭଳି ବହୁ ଜଣାଶୁଣା ସିନେଷ୍ଟାର ଅଭିନୟ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ପଦ୍ମାଳୟ ଟକିଜ ମାଲିକ ବିନୋଦ ପଣ୍ଡା ଓ ସୁଦାମ ପଣ୍ଡା ପରିଚାଳନା କରିଥିଲେ । ଶାନ୍ତିଶୃଙ୍ଖଳା ପାଇଁ ମୁନିଗୁଡ଼ା ଥାନାଧିକାରୀ ରାଜେନ୍ଦ୍ର ଦେହୁରୀଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା ।

## ଅଭିଯୁକ୍ତ ସ୍ୱାମୀଙ୍କୁ ଧରି ପୋଲିସ ଜିମାଦେଲେ ଗାଁଲୋକେ

**ଦଶମନ୍ତପୁର,୧୭।୭(ଡି.ଏନ୍.ଏ.)**

କାଜୁବାଡ଼ି ଦେଖାଇବାକୁ ନେଇ ସେଠାରେ ପ୍ରଥମେ ସ୍ତ୍ରୀଙ୍କୁ ହତ୍ୟା କରିଥିଲେ । ଏହାପରେ ଆତ୍ମହତ୍ୟାର ରୂପ ଦେବା ପାଇଁ ତାଙ୍କ ମୃତଦେହକୁ କାଜୁଗଛରେ ଟଙ୍ଗାଇ ଦେଇଥିଲେ ସ୍ୱାମୀ । ମଙ୍ଗଳବାର ଘଟଣା ସାମ୍ନାକୁ ଆସିଥିଲା । କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଚିକାମ୍ବ ପଞ୍ଚାୟତ ଫଟକିଜାମ୍ ଗ୍ରାମରେ ଏଭଳି କାଣ୍ଡ ଘଟାଇ ଫେରାର ଥିବା ଅଭିଯୁକ୍ତ ସ୍ୱାମୀଙ୍କୁ ଗାଁଲୋକେ ବୁଧବାର କାବୁକରି ପୋଲିସ ଜିମା ଦେଇଛନ୍ତି । ମୃତ ଚମ୍ପାବତୀ ବାଘ (୪୫)ଙ୍କ ବଡ଼ଭାଇ କହିବା ଅନୁଯାୟୀ, ଚମ୍ପା ଓ ତାଙ୍କ ସ୍ୱାମୀ ପରମା ବାଘଙ୍କ ମଧ୍ୟରେ ସବୁବେଳେ କଳି ଲାଗୁଥିଲା । ସ୍ତ୍ରୀଙ୍କୁ ସନ୍ଦେହ କରି ଝଗଡ଼ା କରିବା ସହ ପରମା ତାଙ୍କୁ ବହୁବାର ମାରିଦେବା ପାଇଁ ଉଦ୍ୟମ ମଧ୍ୟ କରୁଥିଲେ । ସୋମବାର ଅପରାହ୍ନରେ ପରମା ସ୍ତ୍ରୀଙ୍କୁ ସଲାସୁତରା କରି କାଜୁବାଡ଼ି ଦେଖିବା ପାଇଁ ଦୋରନ୍‌ଡଙ୍ଗରକୁ ନେଇଯାଇଥିଲେ । ବଡ଼ ଚତୁରତାର ସହ ସେଠାରେ ତାଙ୍କୁ ହତ୍ୟା କରିବା ପରେ ତାଙ୍କରି ଶାଢ଼ିରେ ମୃତଦେହକୁ କାଜୁଗଛରେ ଝୁଲାଇଦେଇ ପରମା ଫେରାର ହୋଇଯାଇଥିଲେ । ମଙ୍ଗଳବାର ସକାଳୁ କାଜୁବାଡ଼ିରେ ଚମ୍ପାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା । ଏହି ଘଟଣା ପରେ ଚମ୍ପାବତୀଙ୍କ ବାପା, ମା' ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

## ୭ ଗ୍ରାମକୁ ବିଦ୍ୟୁତ୍ ଯୋଗାଣ ଦାବି

**ଗୁଣପୁର,୧୭।୭(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ବ୍ଲକ ଆବାଡା ପଞ୍ଚାୟତର ୭ ଖଣ୍ଡ ଗ୍ରାମକୁ ବିଦ୍ୟୁତ୍ ଯୋଗାଣ ନେଇ ଦାବି ହୋଇଛି । ଉକ୍ତ ୭ ଖଣ୍ଡର ଗ୍ରାମବାସୀ ବୁଧବାର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ନବ ଗଠିତ ଆବାଡା ପଞ୍ଚାୟତର ଆବାଡା, ସାଙ୍କେଡି, କୁଲୁସିଂ, ସିନ୍ଧୁବା, ରେଗେଡେସିଂ, ଆବାତି ଏବଂ କୁରୁଡି ଗ୍ରାମକୁ ବିଜୁଳି ଯୋଗାଣ କରାଯିବାକୁ ଦାବି କରିଛନ୍ତି । ସୌଭାଗ୍ୟ ଯୋଜନାରେ ଗ୍ରାମଗୁଡିକୁ ବିଦ୍ୟୁତ୍ ଯୋଗାଣ କରାଯିବା ନେଇ ସର୍ଭେ କରାଯିବାସହ ଆବଶ୍ୟକ କାଗଜପତ୍ର ମଧ୍ୟ ନେଇଛନ୍ତି । ହେଲେ ବର୍ତ୍ତମାନ ସୁଦ୍ଧା ସେମାନଙ୍କୁ ବିଦ୍ୟୁତ୍ ମିଳି ପାରିନାହିଁ । ଗାଁ ପର୍ଯ୍ୟନ୍ତ ବିଜୁଳି ଆସିଥିଲେ ମଧ୍ୟ ଘରକୁ ସଂଯୋଗ ହୋଇନାହିଁ । ତେଣୁ ଲୋକମାନେ ବିଜୁଳି ଆଲୁଅ ପାଇବାରୁ ବଞ୍ଚିତ ହୋଇଛନ୍ତି । ଏଣୁ ଏଦିଗରେ ତଦନ୍ତ କରି ବିଦ୍ୟୁତ ଯୋଗାଣ ଦିଗରେ ପଦକ୍ଷେପ ନେବାକୁ ଉପଜିଲାପାଳଙ୍କୁ ଜଣାଇଥିଲେ ।




ବିଦ୍ୟୁତ ଯୋଗାଣ ନେଇ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ।

# ଶ୍ରେଣୀଗୃହରେ ଶିକ୍ଷକଙ୍କ ବଦଳରେ ରୋଷେୟା

**ଲକ୍ଷ୍ମୀପୁର, ୧୭।୭(ଡି.ଏନ୍.ଏ.)**

**ଅବ୍ୟବସ୍ଥାରେ ସେବାଶ୍ରମ**
- ■୨୪୧ ପିଲାଙ୍କୁ ୨ ଶିକ୍ଷକ
- ■ଦୀର୍ଘଦିନ ହେବ ଛୁଟିରେ ଅଛନ୍ତି ସହକାରୀ ଶିକ୍ଷୟିତ୍ରୀ
- ■ଯୁବକଙ୍କୁ ରାତିରେ ଜଗାଇ ଦେଇ କୋରାପୁଟ ଚାଲି ଯାଉଛନ୍ତି ପ୍ରଧାନଶିକ୍ଷକ
- ■ମିଳୁଛି ନିମ୍ନମାନର ମଧ୍ୟାହ୍ନଭୋଜନ



ଶ୍ରେଣୀଗୃହରେ ପିଲାଙ୍କୁ ଜଗିଛନ୍ତି ରୋଷେୟା ।

ବିଦ୍ୟାଳୟରେ ୨୪୧ ପିଲାଙ୍କ ପାଇଁ ମାତ୍ର ୨ଜଣ ଶିକ୍ଷକ। ସେମାନଙ୍କ ମଧ୍ୟରୁ ଜଣେ ଦୀର୍ଘ ଦିନ ହେବ ଛୁଟିରେ ରହିଛନ୍ତି। ତେଣୁ ତାଙ୍କ ଜାଗାରେ ରୋଷେୟାଙ୍କୁ ଏବେ ଶ୍ରେଣୀଗୃହରେ ଦେଖିବାକୁ ମିଳୁଛି। ପାଠ ପଢ କହି ସେ କେବଳ ପିଲାଙ୍କୁ ଜଗି ରହୁଛନ୍ତି। ପିଲାଙ୍କ ଭବିଷ୍ୟତ ଏବେ ରୋଷେୟାଙ୍କ ହାତରେ। ଏହା ହେଉଛି ଲକ୍ଷ୍ମୀପୁର ବ୍ଲକ କୁମୁରଡ଼ା ପଞ୍ଚାୟତ କେଲାର ଗ୍ରାମ ସେବାଶ୍ରମ ଚିତ୍ର।

କେଲାର ସେବାଶ୍ରମ ବିଦ୍ୟାଳୟରେ ୨୪୧ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। କିନ୍ତୁ ସେମାନଙ୍କ ପାଇଁ ରହିଛନ୍ତି ଜଣେ ପ୍ରଧାନଶିକ୍ଷକଙ୍କ ଓ ଅନ୍ୟ ଜଣେ ସହକାରୀ ଶିକ୍ଷୟିତ୍ରୀ। ସହକାରୀ ଶିକ୍ଷୟିତ୍ରୀ ଜଣଙ୍କ ଦୀର୍ଘଦିନ ହେବ ଛୁଟିରେ ରହିଛନ୍ତି। ଏହା ମଧ୍ୟରେ ପ୍ରଧାନଶିକ୍ଷକ ରୋଷେୟା ତୁଳା ଦାମୀଙ୍କୁ ପିଲାଙ୍କ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ତୁଳାଙ୍କ ଶିକ୍ଷାଗତ ଯୋଗ୍ୟତା କମ୍ ଥିବାରୁ ସେ ଶ୍ରେଣୀଗୃହକୁ ଯାଇ ନିଜେ ପାଠ ପଢ ବୋଲି ପିଲାମାନଙ୍କୁ ପରାମର୍ଶ ଦେଉଛନ୍ତି। ସେ କେବଳ ପିଲାଙ୍କୁ ଜଗି ରହୁଛନ୍ତି। ସ୍ଥାନୀୟ ଯୁବକଙ୍କୁ ରାତିରେ ସେବାଶ୍ରମ ଜଗାଇଦେଇ ପ୍ରଧାନଶିକ୍ଷକ ବିଭିନ୍ନ ସମୟରେ କୋରାପୁଟ ଚାଲି ଯାଉଥିବା ଅଭିଭାବକମାନେ କହିଛନ୍ତି। ଏଭଳି ଅବ୍ୟବସ୍ଥା ଯୋଗୁ ଏବେ ପିଲାଙ୍କୁ ସ୍କୁଲ ପଠାଉନାହୁଁ ବୋଲି କେତେଜଣ ଅଭିଭାବକ କହିଛନ୍ତି। ସେହିଭଳି ପିଲାଙ୍କୁ ନିମ୍ନମାନର ମଧ୍ୟାହ୍ନ ଭୋଜନ ଦିଆ ଯାଉଛି। ପିଲାମାନଙ୍କ ଆବଶ୍ୟକତା ଅନୁଯାୟୀ ଏଠାରେ ରୋଷେଇ ହେଉନାହିଁ। ଯାହାବି ରୋଷେଇ ହେଉଛି, ତାହା ଅତି ନିମ୍ନମାନର ବୋଲି ଅଭିଯୋଗ ଆଣିଛନ୍ତି ଅଭିଭାବକ। ସ୍କୁଲ ସମସ୍ୟା ନେଇ ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ରଙ୍କୁ ପଚାରିବାରୁ, ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ବିଦ୍ୟାଳୟରେ ତୁରନ୍ତ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ସେ କହିଛନ୍ତି। ବିଇଓ ବିପିନ ବିହାରୀ ପାରିକରଙ୍କୁ ଏ ସମ୍ପର୍କରେ ପଚାରିବାରୁ, ନିମ୍ନମାନର ମଧ୍ୟାହ୍ନ ଭୋଜନ ମିଳିବା ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ତାଲିମ ପରେ ମିଳୁନି ପ୍ରମାଣପତ୍ର : ଉପଜିଲାପାଳଙ୍କୁ ଭେଟିଲେ ଛାତ୍ରୀ

**ଗୁଣପୁର,୧୭।୭(ଡି.ଏନ.ଏ)**

ସେଞ୍ଚୁରିୟାନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗ୍ରାମ ତରଙ୍ଗ ଦ୍ୱାରା ରାୟଗଡା ଜିଲା ଗୁଣପୁର ସହର ଆଦର୍ଶନଗରଠାରେ ପ୍ରଥମ ପର୍ଯ୍ୟାୟରେ ୩୫ ଜଣ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଯାଇଥିଲା । ଏହିକ୍ରମରେ ଛାତ୍ରୀମାନେ ୨ ମାସ ୮ ଦିନ ତାଲିମ ନେଇଥିଲେ । ତାଲିମରେ ଯୋଗଦେବା ସମୟରେ ଶିକ୍ଷାଗତ ପ୍ରମାଣ ପତ୍ର, ବ୍ୟାଙ୍କ ପାସବୁକ, ଆଧାରକାର୍ଡ ସେଣ୍ଟର ଇନଚାର୍ଜଙ୍କୁ ପ୍ରଦାନ କରିଥିଲେ । ବର୍ତ୍ତମାନ ସେମାନଙ୍କ ତାଲିମ ସରିଯାଇଥିଲେ ମଧ୍ୟ ପ୍ରଦତ୍ତ କରାଯାଇଥିବା ପ୍ରମାଣପତ୍ର କି ତାଲିମ ପ୍ରମାଣପତ୍ର ପ୍ରଦାନ କରାଯାଉନାହିଁ । ଏନେଇ ଛାତ୍ରୀମାନେ ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦରଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏଥିସହ ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି । ଛାତ୍ରୀମାନେ ଆହୁରି କହିଛନ୍ତି ଯେ, ତାଲିମ ନେଇଥିବା ପିଲାଙ୍କୁ ମାଗଣାରେ ସିଲେଇ ମେଶିନ ପ୍ରଦାନ କରାଯିବ ବୋଲି କୁହାଯାଇଥିଲା । ହେଲେ ତାହା ମଧ୍ୟ ପ୍ରଦାନ କରାଯାଉନାହିଁ । ତେଣୁ ସେମାନଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି ।